Gopinath Bag

# ଭାରତୀୟ-ପାଶ୍ଚାତ୍ୟ ସାହିତ୍ୟିକ ମତବାଦ ଓ ସମାଲୋଚନା ତତ୍ତ୍ୱ

ସଂପାଦନା

ଶ୍ରୀଦତ୍ତା ନିର୍ଝରିଣୀ
ପଞ୍ଚାନନ ମିଶ୍ର
କୃଷ୍ଣଚନ୍ଦ୍ର ପ୍ରଧାନ

ଭାରତୀୟ-ପାଶ୍ଚାତ୍ୟ ସାହିତ୍ୟିକ ମତବାଦ ଓ ସମାଲୋଚନା ତତ୍ତ୍ୱ
Bharatiya-Paschatya Sahitika Matabada O Samalochana Tatwa

ସଂପାଦନା : ଶ୍ରୀଦତ୍ତା ନିର୍ଝରିଣୀ, ପଞ୍ଚାନନ ମିଶ୍ର, କୃଷ୍ଣଚନ୍ଦ୍ର ପ୍ରଧାନ
Compiled by : Shreedutta Nirjharini, Panchanan Mishra, Krushnachandra Pradhan

ପ୍ରକାଶକ
ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ
ପ୍ରତିଷ୍ଠାତା : ସହଦେବ ପ୍ରଧାନ
Publisher
Friends' Publishers, Binodbehari
Cuttack-753002, Odisha (India)
Founder : Sahadev Pradhan

ପ୍ରଥମ ସଂସ୍କରଣ : ୨୦୧୯
First Edition : 2019

ପ୍ରଚ୍ଛଦ : କୁନାସରୋଜ
Artist : Kunasaroj

ଅକ୍ଷରସଜ୍ଜା : ଓମ୍ ଡିଟିପି ସେଣ୍ଟର, କଟକ
Typeset : Om DTP Centre, Cuttack

ମୁଦ୍ରଣ : ମଜଦୁର୍ ପ୍ରିଣ୍ଟର୍ସ, କଟକ
Printer : Majdoor Printers, Cuttack

ISBN 81-7401-908-1

Price :₹ 600

Gopinath Bag




| | | |
|---|---|---|
| ☆ ଅସ୍ତିତ୍ୱବାଦ (Existentialism) | କୃଷ୍ଣଚନ୍ଦ୍ର ପ୍ରଧାନ | ୨୦୭ |
| ☆ ଅଭିବ୍ୟକ୍ତିବାଦ (Expressionism) | ଗୋପୀନାଥ ବାଗ | ୨୨୫ |


## ପାଶ୍ଚାତ୍ୟ ସାହିତ୍ୟ-ସମାଲୋଚନା ତତ୍ତ୍ୱ


| | | |
|---|---|---|
| ☆ ସାହିତ୍ୟ-ସମାଲୋଚନାର ରୂପଭେଦ | ଦେବେନ୍ଦ୍ର କୁମାର ଦାଶ | ୨୪୫ |
| ☆ ପାଶ୍ଚାତ୍ୟ ସମାଲୋଚନା ତତ୍ତ୍ୱ : ବିକାଶଧାରା | ପଞ୍ଚାନନ ମିଶ୍ର | ୨୬୭ |
| ☆ ମିଥୀୟ ସାହିତ୍ୟ-ଆଲୋଚନା : ଏକ ଦୃଷ୍ଟିପାତ | ବୈଷ୍ଣବ ଚରଣ ସାମଲ | ୨୮୩ |
| ☆ ଆଧୁନିକ ସାହିତ୍ୟର ସମ୍ପାଦନା ପଦ୍ଧତି : ପାଠାନ୍ତର ସମସ୍ୟା ଓ ସମାଧାନ | ପ୍ରସନ୍ନ କୁମାର ସ୍ୱାଇଁ | ୩୦୧ |
| ☆ ମୂଳଗ୍ରନ୍ଥ, ପାଠ ବା ରଚନା ସଂକ୍ରାନ୍ତୀୟ ସମାଲୋଚନା (Textual Criticism) | ବାବାଜୀଚରଣ ପଟ୍ଟନାୟକ | ୩୧୪ |
| ☆ ରୂପତାତ୍ତ୍ୱିକ ସମାଲୋଚନା ପଦ୍ଧତି | କୃଷ୍ଣଚନ୍ଦ୍ର ପ୍ରଧାନ | ୩୧୮ |
| ☆ 'ନୂତନ ସମାଲୋଚନା'ର ଭାବାଦର୍ଶଗତ ଭିତ୍ତିଭୂମି | ଦୀପ୍ତିରଞ୍ଜନ ପଟ୍ଟନାୟକ | ୩୨୩ |
| ☆ ସାହିତ୍ୟ-ସୃଷ୍ଟିର ସ୍ୱାତନ୍ତ୍ର୍ୟ ଘୋଷଣା, ପ୍ରାୟୋଗିକ ସମାଲୋଚନା | ସନ୍ତୋଷ ତ୍ରିପାଠୀ | ୩୩୯ |
| ☆ ଶୈଳୀ ବିଜ୍ଞାନ, ସାହିତ୍ୟ ତତ୍ତ୍ୱ ଓ ଅନ୍ୟାନ୍ୟ ବିଦ୍ୟା | ଅନନ୍ତଚରଣ ଶୁକ୍ଳ | ୪୧୩ |
| ☆ କବିତା ଅଧ୍ୟୟନ ଓ ପ୍ରଭାବ ବିଚାର | ଦେବେନ୍ଦ୍ର କୁମାର ଦାଶ | ୪୨୧ |
| ☆ ସାହିତ୍ୟର ତୁଳନାତ୍ମକ ଅଧ୍ୟୟନ : ଏକ ଅନୁଶୀଳନ | ସଞ୍ଚିତା ମିଶ୍ର | ୪୩୫ |
| ☆ ତୁଳନାତ୍ମକ ସାହିତ୍ୟ | ଆଲୋକ ବରାଳ | ୪୫୭ |
| ☆ ମାର୍କ୍ସବାଦୀ ସାହିତ୍ୟ-ସମାଲୋଚନା : ପ୍ରୟୋଜନୀୟତା ଓ ଭବିଷ୍ୟତ | ବୈଷ୍ଣବ ଚରଣ ସାମଲ | ୪୮୩ |

# ଅଭିବ୍ୟକ୍ତିବାଦ
## (Expressionism)

ଡକ୍ଟର ଗୋପୀନାଥ ବାଗ

ଉନବିଂଶ ଶତାବ୍ଦୀ ଓ ବିଂଶ ଶତାବ୍ଦୀର ସନ୍ଧିକ୍ଷଣରେ ପୃଥିବୀର ଚିନ୍ତା-ଚେତନା ଜଗତରେ ମହତ୍ତ୍ୱପୂର୍ଣ୍ଣ ଆଲୋଡ଼ନର ସୂତ୍ରପାତ ହୋଇଛି । ଏହି ସମୟରେ ମହାନ୍ ଚିନ୍ତାନାୟକମାନେ ଯୁଗାନ୍ତକାରୀ ମତବାଦ ତଥା ସିଦ୍ଧାନ୍ତ ଉପସ୍ଥାପନ କରି ଚିନ୍ତାଜଗତକୁ ପ୍ରଶସ୍ତ ତଥା ଉଜ୍ଜ୍ୱଳ କରିଛନ୍ତି । ଏହି ସମୟର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଲା ମନୋବିଜ୍ଞାନର ବିଶ୍ଳେଷଣ ପଦ୍ଧତି । ମନୁଷ୍ୟର ରହସ୍ୟ ଘନ ମନର ଉନ୍ମୋଚନ କରିବା ଦିଗରେ ବିଶ୍ଳେଷଣ ପ୍ରକ୍ରିୟା ତ୍ୱରାନ୍ୱିତ ହେଲା, ମନୋବିଜ୍ଞାନର ପ୍ରଭାବ ଯୋଗୁଁ କଳା କ୍ଷେତ୍ରରେ ସୃଷ୍ଟିହେଲା ନୂଆ ନୂଆ ମତବାଦ । ବାସ୍ତବବାଦ, ପ୍ରକୃତିବାଦ, ପ୍ରଭାବବାଦ, ଅଭିବ୍ୟକ୍ତିବାଦ ଏବଂ ପ୍ରତୀକବାଦ ମଧ୍ୟରୁ ମନୋବିଜ୍ଞାନଦ୍ୱାରା ଗଭୀର ଭାବରେ ପ୍ରଭାବିତ ହୋଇଥିବା ଦୁଇଟି ମତବାଦ ହେଉଛି– ଅଭିବ୍ୟକ୍ତିବାଦ ଏବଂ ପ୍ରତୀକବାଦ ।

ଅଭିବ୍ୟକ୍ତିବାଦର ପ୍ରୟୋଗ ପୂର୍ବରୁ କଳାଜଗତରେ ବାସ୍ତବବାଦ ବେଶ୍ ଆଦୃତି ଲାଭ କରିଥିଲା । ଆଦର୍ଶବାଦ (Idealism) ଓ ରୋମାଣ୍ଟିକ୍‌ବାଦ (Romanticism) ବିରୋଧରେ ସୃଷ୍ଟି ହୋଇଥିବା ବାସ୍ତବବାଦ (Realism)ର ଧର୍ମ ହେଉଛି ଯେକୌଣସି ଦୃଶ୍ୟକୁ 'as it is' ଭାବରେ ଉପସ୍ଥାପନ କରିବା । ଜ୍ଞାନ ଅପେକ୍ଷା କର୍ମର ଭୂମିକାକୁ ଏଠାରେ ଗୁରୁତ୍ୱ ଦିଆଯାଇଥାଏ । ଦୃଶ୍ୟଟି ବା ବିଷୟଟି ଯେମିତି ଅଛି, ତା'କୁ ବିଚାର କରି ଯଥୋଚିତ ଭାବରେ ବାସ୍ତବବାଦୀ ଉପସ୍ଥାପନ କରିଥାଏ । କିନ୍ତୁ ପ୍ରକୃତିବାଦ (Naturalism) ବାସ୍ତବତା ନାମରେ ଯାବତୀୟ ଶ୍ଳୀଳ-ଅଶ୍ଳୀଳ, ବର୍ଣ୍ଣନୀୟ-ଅବର୍ଣ୍ଣନୀୟ ବିଷୟକୁ ଏକାକାର କରି ଉପସ୍ଥାପନ କରିବାକୁ ଶ୍ରେୟ ଦିଏ । ଏହି ବାଦଦ୍ୱୟର ଭିତ୍ତିଭୂମିରୁ ପ୍ରଭାବବାଦର ଉନ୍ମେଷ ଘଟିଥିଲା । ପ୍ରଭାବବାଦୀମାନେ ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତର ରୂପକୁ ତୋଳି ଧରୁଥିବା ଯୋଗୁଁ ଦୃଶ୍ୟମାନ ବସ୍ତୁର ପୂର୍ଣ୍ଣ ପରିଚୟ ମିଳିପାରିଲା ନାହିଁ । ଏହି ପ୍ରଭାବର ପ୍ରତିକ୍ରିୟାରେ ଏକ ନୂତନ ଶୈଳୀ ନେଇ ଆବିର୍ଭାବ ହେଲା ଅଭିବ୍ୟକ୍ତିବାଦ ।

ଅଭିବ୍ୟକ୍ତିବାଦକୁ ଅଭିବ୍ୟଞ୍ଜନାବାଦ ବୋଲି ମଧ୍ୟ କୁହାଯାଇଥାଏ, ଯାହାକି ଇଂରାଜୀ ଶବ୍ଦ 'Expressionism'ର ଓଡ଼ିଆ ରୂପାନ୍ତର । ସର୍ବପ୍ରଥମେ L.Vaux Celles ଏହି 'Expression-ism' ଶବ୍ଦର ପ୍ରୟୋଗ କରିଛନ୍ତି । Jullien Auguste Harve ନାମକ ଜନୈକ ଫରାସୀ ଚିତ୍ରଶିଳ୍ପୀ ୧୯୦୧ ମସିହାରେ କେତେକ ଚିତ୍ରାବଳୀକୁ Expressionisms ନାମକରଣ ପୂର୍ବକ ବିଭିନ୍ନ ସ୍ଥାନରେ ପ୍ରଦର୍ଶନ କରାଇଥିଲେ, ଯାହା ଅତ୍ୟନ୍ତ ଜନାଦୃତ ହୋଇପାରିଥିଲା । ୧୯୧୧ ମସିହା ବେଳକୁ Expressionism ଚିତ୍ରକଳା କ୍ଷେତ୍ରରେ ବହୁଳ ଭାବରେ ବ୍ୟବହୃତ ହେଲା ।